# Akashvani, Sambalpur

## SAMBALPURI NEWS BULLETIN

### 16 August 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ-ପେରିସ୍ ଅଲମ୍ପିକ୍ସ     ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପେରିସ୍ ଅଲମ୍ପିକ୍ସଥି ଦେଶର୍ ପ୍ରତିନିଧିତ୍ୱ କରିଥିବା ଭାରତୀୟ ଦଲ୍ ସାଙ୍ଗେ ଗଲାକାଏଲ୍ ନୂଆଦିଲ୍ଲୀ ନ ଆଲୋଚନା କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସେମାନ୍‌କର୍ ଅନୁଭୂତି ଶୁନ୍‌ବାର୍ ସହେତେ ସେମାନକର କାମ୍‌କେ ପ୍ରଶଂସା କରିଥିଲେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ପେରିସ୍ ଯାଇଥିବା ସଁ' ଖେଲାଳି ଚମ୍ପିଆନ୍ ଆନ୍ । ଭାରତ୍ ସର୍‌କାର୍ କ୍ରୀଡ଼ାକେ ସମର୍ଥନ୍ ଜାରି ରଖିବେ ଆଉ ଉନ୍ନତମାନର୍ କ୍ରୀଡ଼ା ଭିତିଭୂମି ସୁନିର୍ଶ୍ଚିତ୍ କର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ ।

ବିଧାୟକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍     ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ବିଧାୟକ୍‌ମାନ୍‌କର୍ ଲାଗି ଆଏବାକାଏଲ୍ ଠାନୁ ଗୁଟେ ୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଇଥି ବିଧାନ୍‌ସଭାର୍ ସଦସ୍ୟମାନ୍‌କୁ ଗୃହର୍ ନୀତି ନିୟମ୍ ଆର୍ ଗୃହ ପରିଚାଳନା ବାବ୍‌ଦେ  ତାଲିମ୍ ଦିଆଯିବା । ଇଥର ବିଧାନ୍‌ସଭାକେ ୮୪ ଝନ୍ ନୂଆଁ ବିଧାୟକ୍ ପହେଲାଥର୍ ଲାଗି ଆସିଛନ୍ । ବହୁତ୍‌ଟେ ବିଧାୟକ୍ ଗୃହର୍ ନୀତି ନିୟମ୍ ବାବ୍‌ଦେ ଅଭ୍ୟସ୍ତ ନାଇଁନ । ଇଥିର୍‌ଲାଗି ସେମାନ୍‌କୁ ତାଲିମ୍ ଦେବାର୍ ସହେତେ ପୁର୍‌ନା ସଦସ୍ୟମାନ୍‌କୁ ନେଭା ଆପ୍ଲିକେସନ୍ ବାବ୍‌ଦେ ଜନାବାର୍ ଲାଗି ବାଚସ୍ପତି ଇ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରିଛନ୍ ।

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ            ଆର୍‌ଏନ୍‌ୟୁ / ସମ୍ବଲପୁର

ଅମୃତ୍ କାଳର ଯୁଆନ୍ ପିଢ଼ିଙ୍କୁ ସଶକ୍ତ, ଉତ୍ସାହିତ ଆର୍ ନୂଆଁ କାମ୍ କର୍‌ବାର୍ ଲାଗି ସୁଯୋଗ୍ ଦେବାର୍‌ଟା ଆମର୍ ଅଗ୍ରାଧିକାର୍ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ସ୍ୱାଧୀନତା ଦିବସ୍ ସମାରୋହଥି ଯୋଗ୍ ଦେବାର୍‌କେ ଆସିଥିବା ପି.ଏମ୍.ଶ୍ରୀ ସ୍କୁଲ୍ ମାନ୍‌କର୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍ ଆର୍ ପ୍ରେରଣା କାର୍ଯ୍ୟକ୍ରମ୍‌ର ଆଘର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ କଥାବାର୍ତା  ହେବାର୍ ସମିଆଥି ଶ୍ରୀ

ପ୍ରଧାନ୍ ଇଟା କହିଥିଲେ । ସେମାନ୍‌କୁ ଉଦ୍‌ବୋଧନ୍ ଦେଇକରି ସେ କହିଛନ୍ ଯେ, ଦେଶର୍ ଭବିଷ୍ୟତ୍ ସୁରକ୍ଷିତ୍ ହାତେ ରହିଛେ । ଇ ସମିଆଥି ଉପସ୍ଥିତ୍ ଛାତ୍ରଛାତ୍ରୀ ଆର୍ ଲୁକ୍‌କର୍ ସାଙ୍ଗେ କଥାବାର୍ତା କରିକରି ସେମାନ୍‌କର୍ ଅନୁଭବ୍, ସପନ୍ ଆର୍ ଆକାଂକ୍ଷା ବିଷେ ଅଏତ୍‌କା ଜାନିକରି ଶ୍ରୀ ପ୍ରଧାନ୍ ଖୁସି ଜାହିର୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପି.ଏମ୍. ଶ୍ରୀ ସ୍କୁଲ୍ ହେଉଛେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ପରିଚାଲିତ୍ ହେଉଥିବା ଗୁଟେ ଯୋଜ୍‌ନା । ଇ ଯୋଜ୍‌ନା ଜରିଏ ୧୪ ହଜାର୍ ୫ ଶହ ଟା ସ୍କୁଲ୍‌କେ ବିକଶିତ୍ କରାଯାଇଛେ ।

ଯୁକ୍ତ ଦୁଇ ଆଉ ଯୁକ୍ତ ୩ ମହାବିଦ୍ୟାଲୟ-ଉଚ୍ଚଶିକ୍ଷା ମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଯୁକ୍ତ ଦୁଇ ଆଉ ଯୁକ୍ତ ୩ ମହାବିଦ୍ୟାଲୟ ଅଲ୍‌ଗା ହେବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଯୁକ୍ତ ଦୁଇ ଆର୍ ଯୁକ୍ତ ୩ କଲେଜ୍ ଅଲ୍‌ଗା କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ଦର୍‌କାରୀ ଜାଗା ଆର୍ ଭିତିଭୂମି ସର୍‌କାର୍‌ଙ୍କର୍

ତର୍ଫୁ ଯୁଗେଇ ଦିଆଯିବା । ଇଟା ହେଲେ ଯୁକ୍ତ ୩ ଶିକ୍ଷାର ମାନ ବଢ଼୍‌ବା ବଲି ମନ୍ତ୍ରୀ କହିଛନ୍ ।

ସ୍ୱାଧୀନତା ଦିବସ୍-ପୁଲିସ୍ ମହାନିର୍ଦ୍ଦେଶକ

ଆର୍ଏନ୍‌ୟୁ / ସମ୍ବଲପୁର

ସାରା ରାଏଜେ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ସୁରୁଖୁରୁଥି ପାଲିତ୍ ହେଇଯାଇଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ୍ କୁମାର୍ ଷଡ଼ଙ୍ଗୀ କହିଛନ୍ । ସେ କହିଛନ୍ ଯେ, ଗଲା କେତେ ବଛର୍ ହେଲା ସ୍ୱାଧୀନତା ଦିବସ୍‌ର ଆଘର୍ ଦିନ ମାଓପୋଷ୍ଟର୍ ଦେଖାଯାଉଥିଲା । ହେଲେ ଇ ବଛର୍ ସେନ୍ତା କାର୍ଯ୍ୟକଲାପ କିଛି ନାଇଁ ଦେଖାଯାଇ । ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପତାକା ଉତୋଲନ୍ କରିଥିବାର୍ ବେଲେ ସବୁକିଛି ଶାନ୍ତିଶୃଙ୍ଖଲାଥି ସରିଛେ ବଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

ଏସ୍.ଏସ୍.ଏଲ.ଭି ଆର୍ଏନ୍‌ୟୁ / ସମ୍ବଲପୁର

ଭାରତୀୟ ମହାକାଶ ଗବେଷଣା ସଂସ୍ଥା- ଇସ୍ରୋ ତର୍ଫୁ ଆନ୍ଧ୍ରପ୍ରଦେଶ୍ ଶ୍ରୀହରିକୋଟାର ସତୀଶ୍ ଧାୱନ୍ ମହାକାଶ କେନ୍ଦ୍ର

ନୁ ଏସ୍.ଏସ୍.ଏଲ.ଭି- ଉପଗ୍ରହ ଉତ୍କ୍ଷେପଣ କରାଯିବା । ଆଏଜ୍ ସଖାଲର୍ ୯ ବାଜିକରି ୧୭ ମିନିଟ୍ଥି ଇଟା ଉତ୍କ୍ଷେପଣ କରାଯିବା ବଲି ଇସ୍ରୋ ତର୍ଫୁ ସୂଚ୍ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇଟା ଭାରତ୍ର ଗୁଟେ ଛୋଟ୍ ରକେଟ୍ । ଇଥି ଆକାଶ୍ନୁ ପୁର୍ଥିକେ ନିରୀକ୍ଷଣ୍ କର୍ବାର୍ ଗୁଟେ ଉପଗ୍ରହ ରହିଛେ ।

ପି.ଏମ୍. ପୋଷଣ୍ ଆର୍ଏନ୍ୟୁ /ସମ୍ବଲପୁର

ପି.ଏମ୍. ପୋଷଣ୍ ଯୋଜ୍ନା ଅଧୀନ୍ଥି ସ୍କୁଲ୍ ଛାତ୍ରଛାତ୍ରୀମାନ୍କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦେବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଖାସ୍ ପଦକ୍ଷେପ୍ ନେଇଛନ୍ । ପି.ଏମ୍. ପୋଷଣ୍ ଚାଉଳ ଯୋଗାଣଥି ହେଉଥିବା ଅବ୍ୟବସ୍ଥାର୍ ମୁକାବିଲା କର୍ବାର୍ ଲାଗି ବିଭାଗ୍ ତର୍ଫୁ ସବୁ ଜିଲ୍ଲାକେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକାଥି କୁହାଯାଇଛେ ଯେ, ଜିଲ୍ଲାପାଲ୍ଙ୍କର୍ ତର୍ଫୁ ସ୍ୱିକୃତୀ ପାଇଥିବା ମଧ୍ୟାହ୍ନ ଭୋଜନ ଚାଉଲ୍ ପରିବହନ୍ କଂଟ୍ରାକ୍ଟର୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ନୁ ଚାଉଲ୍ ବିତରଣ୍ ବାବ୍ଦେ ବିବରଣୀ ନେବେ ।

ଜଳବାହିତ ରୋଗ- ରାଜ୍ୟସରକାର୍ ସମୀକ୍ଷା

ଆର୍‌ଏନ୍‌ୟୁ /ସମ୍ବଲପୁର

ଚଲ୍‌ତି ମୌସୁମୀ ଋତୁଥି ଡେଙ୍ଗୁ, ଡାଇରିଆ ଆର୍ ମେଲେରିଆ ରୋଗ୍‌ଥି ସଂକ୍ରମିତ ହେଇକରି ଯେନ୍ତା କାହାରି ଜୀବନ୍ ନାଇଁ ଯିବା, ସେ ଦିଗେ ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ । ଇ ସବୁ ରୋଗ୍‌ର ପ୍ରତିରୋଧ୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଡେଙ୍ଗୁ, ଡାଇରିଆ ଆର୍ ମେଲେରିଆ ରୋଗ୍‌ଥି ଆକ୍ରାନ୍ତ ହେଉଥିବା ଲୋକ୍‌ମାନ୍‌କର୍ ଭଲ୍ ଚିକିତ୍ସା ଲାଗି ସହର୍ ଆର୍ ଗାଁ ଇଲାକାମାନ୍‌କେ ସ୍ୱାସ୍ଥ୍ୟସେବାକେ ଅଏତ୍‌କା ବ୍ୟବସ୍ଥିତ୍ ଆଉ କ୍ରୀୟାଶୀଳ କର୍‌ବାର୍‌କେ ମନ୍ତ୍ରୀ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଯୁକ୍ତ ୩ ର- ୨ ନମ୍ବର ଖେପ୍ ନାଁଲେଖା ଲାଗି ଆବେଦନ୍ ଚାଲିଛେ । ଆଏବା ୨୬ ତାରିଖ୍‌ତକ୍ ସାମ୍ବ

ୱେବ୍‌ସାଇଟ୍ ଜରିଏ ଆବେଦନ୍ ଲାଗି ସୁଯୋଗ୍ ମିଲ୍‌ବା । ସେନ୍ତା ଆଏବା ସେପ୍ଟେମ୍ବର୍ ୨ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍‌ବା ଆର୍ ଚୟନ ହେଇଥିବା ଛାତ୍ରଛାତ୍ରୀମାନେ ଆଏବା ମାସର୍ ୩ ନୁ ୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ର ପଶ୍ଚିମବଙ୍ଗ୍ ଉପକୂଲ୍ ନ ଆଏବା ୨୪ ଘଂଟା ଭିତ୍‌ରେ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ବହୁତ୍‌ଟେ ଜାଗା ନ ମଧ୍ୟମ୍‌ନୁ ଜବର୍ ବର୍ଷା ହେଇପାରେ । ଆଏଜ୍ ସୁନ୍ଦର୍‌ଗଡ୍ ସହେତେ ୧୮ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।